ଜୀବସତ୍ତା

# ପଶୁପକ୍ଷୀଙ୍କ ପ୍ରତି ଏତେ ନିର୍ଦ୍ଦୟ କାହିଁକି ?

■ ଡ଼ଃ. ଅଭୟ ସୂତାର
ସଭାପତି, ଘଣ୍ଟେଶ୍ୱର ଡିଗ୍ରୀ କଲେଜ, ଘଣ୍ଟେଶ୍ୱର, ଭଦ୍ରକ
ଆଜୀବନ ସଭ୍ୟ, ଏସ୍.ପି.ସି.ଏ., ଭଦ୍ରକ

ଆମ ପରିବେଶ ମଧ୍ୟରେ ରହୁଥିବା ସବୁପ୍ରକାର ଜୀବ-ଜନ୍ତୁ ପରସ୍ପର ତଥା ମାନବ ସମାଜ ପ୍ରତି ଯେପରି ଉପକାରୀ, ପରିବେଶର ସୁରକ୍ଷା ପାଇଁ ମଧ୍ୟ ସେହିପରି ଦରକାରୀ । ଏମାନେ ମହତ୍ ଉଦ୍ଦେଶ୍ୟ ନେଇ ଏ ସଂସାରରେ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ । କେବଳ ଜ୍ଞାନାଭାବରୁ ଆମେ କାହାକୁ ଉପକାରୀ ତ ଆଉ କାହାକୁ ଅପକାରୀ ବୋଲି ବିଚାର କରିଥାଉ । ଉଦାହରଣ ସ୍ୱରୂପ - ଝାଡ଼ ପୋକକୁ ଆମେ ଅପକାରୀ ବୋଲି ବିଚାର କରି ଦେଖିଲା ମାତ୍ରେ ମାରିଥାଉ, ମାତ୍ର ଏହା ଅପସ୍ମାର ଓ ଅର୍ଶ ରୋଗ ପାଇଁ ଔଷଧ ପ୍ରସ୍ତୁତିରେ ବ୍ୟବହୃତ ହୁଏ । ସେହିପରି ପାରା ମଳ ଓ ଗୁଣ୍ଡୁରୀ ପୋକ ଅପସ୍ମାର ରୋଗପାଇଁ, କୋଚିଆ ମୁଣ୍ଡ ଓ ବିରାଡ଼ି କ୍ଷୀର ଅର୍ଶ ରୋଗପାଇଁ, ଝିଟିପିଟି ଓ ମୂଷାମାଂସ ମଳଦ୍ୱାର ବାହାରିପଡ଼ିଥିବା ରୋଗପାଇଁ, ଘୋଡ଼ି କ୍ଷୀର ପିଲାଙ୍କ କୃମି ନାଶ ପାଇଁ ବ୍ୟବହାର କରାଯାଏ । କୁକୁର ମଣିଷଙ୍କ ପାଇଁ ଯେପରି ବିଶ୍ୱସ୍ତ, ପଚାସଢ଼ା ଜିନିଷ ଖାଇ ପରିବେଶକୁ ପରିଷ୍କାର ରଖିବାରେ ମଧ୍ୟ ସେହିପରି ଉପକାରୀ । ବିଶିଷ୍ଟ ଆୟୁର୍ବେଦ ଚିକିତ୍ସକ ଚରକଙ୍କ ମତରେ, ଯେପରି ସବୁପ୍ରକାର ବୃକ୍ଷଲତାର ଔଷଧୀୟ ଗୁଣ ରହିଅଛି, ସେହିପରି ସବୁ ଜୀବ-ଜନ୍ତୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ମାନବ ସମାଜ ପାଇଁ ଉପକାରୀ, ଏକଥା ନିଃ ସନ୍ଦେହରେ କୁହାଯାଇପାରେ ।

କେଉଁ ଆବାହମାନ କାଳରୁ ମନୁଷ୍ୟ ସହିତ ଜୀବ-ଜନ୍ତୁଙ୍କର ସ୍ଥିତାବସ୍ଥା ରହିଆସିଅଛି । ଏକ ସନ୍ତୁଳିତ ପରିବେଶ ପାଇଁ ଏହି ସ୍ଥିତାବସ୍ଥା ନିତାନ୍ତ ଆବଶ୍ୟକ । ମନୁଷ୍ୟ ସୃଷ୍ଟି ହେବାପରେ ପ୍ରଥମେ ଜଙ୍ଗଲରେ ପଶୁପକ୍ଷୀଙ୍କ ଗହଣରେ ଜୀବନ ଯାପନ କରୁଥିଲା । ଫଳ-ମୂଳ ସଂଗ୍ରହ କରି ଖାଉଥିବା ପର୍ଯ୍ୟନ୍ତ ପଶୁ-ପକ୍ଷୀମାନେ ମନୁଷ୍ୟର ମିତ୍ର ଥିଲେ, ମାତ୍ର ଶିକାର କରି ମାଂସ ଖାଇବା ଆରମ୍ଭ ସମୟରୁ ସେମାନେ ମନୁଷ୍ୟ ପ୍ରତି ହିଂସ୍ର ହେଲେ । କାଳକ୍ରମେ ମଣିଷ ଜଙ୍ଗଲ ଛାଡ଼ି ସ୍ଥାୟୀ ବସତିରେ ଓ କୃଷି ଉତ୍ପାଦନ କରିବାରେ ମଧ୍ୟ ପଶୁମାନେ ସହାୟକ ହେଲେ । ଗୋରୁ, ମଇଁଷି, ଛେଳି, ମେଣ୍ଢା ଇତ୍ୟାଦି ଗୃହପାଳିତ ପଶୁଙ୍କ ଉପକାର ମଣିଷଙ୍କ ପାଇଁ ଅତୁଳନୀୟ, ମାତ୍ର ପ୍ରତ୍ୟୁପକାରରେ ମଣିଷ ସେମାନଙ୍କୁ ମାରି ମାଂସ ଭକ୍ଷଣ କରେ ।

ଘଞ୍ଚ ଜଙ୍ଗଲ ମଧ୍ୟରେ ନାନା ପ୍ରକାରର ଜୀବ-ଜନ୍ତୁ ଆବହମାନ କାଳରୁ ବାସ କରି ଆସୁଥିଲେ । ଏମାନେ ଥିଲେ ଜଙ୍ଗଲର ରକ୍ଷକ । ସ୍ୱାର୍ଥପର ମନୁଷ୍ୟ ହିଂସ୍ର ଜୀବଜନ୍ତୁଙ୍କ ଭୟରେ ଜଙ୍ଗଲ ମଧ୍ୟରେ ପଶିବାକୁ ସାହସ କରୁ ନଥିଲେ, ମାତ୍ର କାଳକ୍ରମେ ନାନା ପ୍ରକାରର କୌଶଳ ଅବଲମ୍ବନ କରି ଏମାନଙ୍କୁ ମରାଗଲା । ତା'ପରେ ଜଙ୍ଗଲର ଦ୍ରୁତ ଅବକ୍ଷୟ ଓ ପରିଣାମରେ ଜଳବାୟୁରେ ପରିବର୍ତ୍ତନ, ତାପମାତ୍ରା ବୃଦ୍ଧି ଓ ପରିବେଶରେ ପ୍ରଦୂଷଣ ଘଟିଲା । ଏହି କାରଣ ଗୁଡ଼ିକ ଯୋଗୁଁ ଆମ ପରିବେଶ ମଧ୍ୟରୁ ଅନେକ ଉପକାରୀ ଜୀବ-ଜନ୍ତୁ କ୍ରମଶଃ ଲୋପ ପାଇଲେଣି ଓ ଆଉ ଅନେକଙ୍କର ବଂଶ ବୃଦ୍ଧି ହେବା ପରିବର୍ତ୍ତେ କ୍ଷୟ ହେବାରେ ଲାଗିଲାଣି । ଜଙ୍ଗଲ ଧ୍ୱଂସ ପାଇଲେ ବାସସ୍ଥଳୀ ଓ ଖାଦ୍ୟ ପାନୀୟ ଅଭାବରୁ, ତାପମାତ୍ରା ବୃଦ୍ଧି ଯୋଗୁଁ ଅର୍ଥାତ୍ ଶୀତଳ ପରିବେଶ ଅଭାବରୁ ଅନେକ ଜୀବ-ଜନ୍ତୁ ବଂଶ ବିସ୍ତାର କରିପାରନ୍ତି ନାହିଁ । ପରିବର୍ତ୍ତିତ ପରିବେଶ ସହିତ ଖାପଖୁଆଇ ଚଳି ପାରୁ ନଥିବା ଅନେକ ଜୀବ-ଜନ୍ତୁ ଏହା ମଧ୍ୟରେ ପୃଥିବୀ ପୃଷ୍ଠରୁ ଲୋପ ପାଇ ସାରିଲେଣି, ଉଦାହରଣ ସ୍ୱରୂପ- ପୃଥିବୀ ପୃଷ୍ଠରୁ ଡାଇନୋସାରସ, ମାମଥ ଓ ଭାରତରୁ ଚିତାବାଘ ଇତ୍ୟାଦି ।

ପ୍ରତିକୂଳ ପରିବେଶ ଯୋଗୁଁ ଶାଗୁଣା (ଯିଏ କି ଆମ ପରିବେଶର ମେହେନ୍ତର ଭଳି କାର୍ଯ୍ୟ କରୁଥିଲେ ଅର୍ଥାତ୍ ମଢ଼ ଖାଇ ପରିବେଶକୁ ପରିଷ୍କାର ରଖୁଥିଲେ) ଏବେ ବିଲୁପ୍ତ ପ୍ରାୟ । ଏମାନେ ଆକାଶରେ ଦଳ ଦଳ ହୋଇ ଉଡ଼ିବା ଓ ଗଛମାନଙ୍କରେ ଦଳ ଦଳ ହୋଇ ରହିବା ଆଉ ଦେଖାଯାଉନାହିଁ । ସେହିପରି ପରିବେଶ ମଧ୍ୟରୁ ପଚା ସଢ଼ା ମଢ଼ା ଖାଇ ସଫା କରି ଦେଉଥିବା ବିଲୁଆ ଓ ଗଧିଆ ଏବେ ଲୁପ୍ତ । ଏମାନଙ୍କର କାର୍ଯ୍ୟ ଯେ କେତେ ମହତ୍ ଥିଲା, ସେ କଥା ଗୋଟିଏ ଉଦାହରଣରୁ ସହଜରେ ଜଣାପଡ଼େ । ୧୯୯୯ ମସିହାରେ ମହାବାତ୍ୟା ପରେ ଏହି ଲେଖକ ଦେଖିଛି, ଏରସମା ଅଞ୍ଚଳରେ ହଜାର ହଜାର ସଂଖ୍ୟାରେ ମଣିଷ, ଗୋରୁ, ଗାଈ, ଛେଳି, ମେଣ୍ଢା, କୁକୁର ଇତ୍ୟାଦିଙ୍କ ମୃତ ଶରୀରକୁ କେହି ଖାଇବାକୁ ରହିଲେ ନାହିଁ, ଫଳରେ ସମଗ୍ର ଅଞ୍ଚଳ ଦୁର୍ଗନ୍ଧମୟ ହେଲା । ରିଲିଫ୍ ଦେଉଥିବା ଓ ଉଦ୍ଧାରକାରୀ ଲୋକମାନେ ଦୁର୍ଗନ୍ଧରେ ଗ୍ରାମମାନଙ୍କୁ ଯାଇପାରିଲେ ନାହିଁ । ପୁଣି ସଂକ୍ରାମକ ରୋଗ ବ୍ୟାପିଯିବା ଆଶଙ୍କା କରି ସରକାର ଚିନ୍ତିତ ହୋଇପଡ଼ିଲେ । ସୈନ୍ୟବାହିନୀର କମାଣ୍ଡର ଏହି ଅଞ୍ଚଳରୁ ଲୋକମାନଙ୍କୁ ନେଇ ଅନ୍ୟତ୍ର ଥଇଥାନ କରିବାକୁ ସୁପାରିଶ କଲେ, ମାତ୍ର ସରକାର ଲକ୍ଷ ଲକ୍ଷ ଲୋକଙ୍କୁ ଅନ୍ୟତ୍ର ନେଇ ରଖିପାରିବେ ନାହିଁ ବୋଲି ଜଣାଇଲେ । ମାସ ମାସ ଧରି ଏହି ଦୁର୍ଗନ୍ଧମୟ ପରିସ୍ଥିତି ରହିବାପରେ କ୍ରମେ ତାହା କମିଗଲା ।

ସେହିପରି ଗୋଧି ଏକ ଉପକାରୀ ଜୀବ । ଏହାର ରକ୍ତରୁ କୁଷ୍ଠରୋଗ ପାଇଁ ପ୍ରତିଷେଧକ ତିଆରି ହୁଏ । ଏମାନେ ଅବାଧରେ ବିଚରଣ କରି ଜଙ୍ଗଲ ଓ ବାଡ଼ିଘର ମାନଙ୍କରୁ ଛୋଟ ଜୀବମାନଙ୍କୁ ଖାଇ ସେମାନଙ୍କର ବଂଶ ବୃଦ୍ଧିକୁ ନିୟନ୍ତ୍ରଣ କରନ୍ତି, ମାତ୍ର ଏବେ ଚମଡ଼ା ସଂଗ୍ରହ ଉଦ୍ଦେଶ୍ୟରେ ସେମାନଙ୍କୁ ମରାଯିବା ଯୋଗୁଁ ସେମାନେ ବିଲୁପ୍ତ ପ୍ରାୟ । ବାଲେଶ୍ୱର, ଭଦ୍ରକ

ଓ କେନ୍ଦ୍ରାପଡ଼ା ଅଞ୍ଚଳର ଲୁଣା ଜଙ୍ଗଲରେ ନୀଳ-ରକ୍ତ କଙ୍କଡ଼ା ରହୁଥିଲେ। ଏମାନଙ୍କର ରକ୍ତ ଏଡସ୍ ରୋଗର ଔଷଧ ତିଆରି ପାଇଁ ଉପଯୋଗୀ। ମାତ୍ର ଏବେ ପରିବର୍ତ୍ତିତ ପରିବେଶ ମଧ୍ୟରେ ଏମାନେ ଲୋପ ପାଇ ଗଲେଣି। କେତେକ ପରିବେଶବିତ୍ ଓ ପକ୍ଷୀ ବିଶେଷଜ୍ଞଙ୍କ ମତରେ, ଏବେ ଆମ ପରିବେଶ ମଧ୍ୟରୁ ଗୟଳ, ବାଲିହରିଣ, ବଣୁକାପ୍ତା, କୁମ୍ଭୀର, ଚିଲ ଜାତୀୟ ପକ୍ଷୀ, କୋଚିଲା ଖାଇ, ଘରଚଟିଆ, ବାଇଚଢ଼େଇ, ବାଦୁଡ଼ି, ବଣି, ଭଦଭଦଳିଆ, ହଳଦୀବସନ୍ତ ଓ ଏପରିକି କୁଆମାନଙ୍କର ବଂଶ ଲୋପ ପାଇ ଆସୁଛି। ସଂଧ୍ୟା ହେଲେ ଚେମେଣିଆ ଡାଳରୁ ବାହାରି ମଶାମାନଙ୍କୁ ଖାଉଥିଲା। ମାତ୍ର ଏବେ ଏମାନେ କାଁ ଭାଁ ଦେଖାଯାଉଛନ୍ତି। ଗବେଷକଙ୍କ ମତରେ, ବିଭିନ୍ନ ପାରିପାର୍ଶ୍ୱିକ ଅବସ୍ଥା, କ୍ଷେତରେ ଅତ୍ୟଧିକ ରାସାୟନିକ ସାର ଓ କୀଟନାଶକ ଔଷଧ ପ୍ରୟୋଗ ଯୋଗୁଁ ଏବେ ବହୁ ଉପକାର ପକ୍ଷୀଙ୍କ ବଂଶ ଦ୍ରୁତ ଗତିରେ ଲୋପ ପାଉଛି। ଘରଚଟିଆ, ବାଦୁଡ଼ି, ଫୁଲଖାଗୁଣା, ରାଜବଣୀ, ଡାହୁକ, ବାଲିଶୁଆ, ଧଳାବଗ, ଶଙ୍ଖଚିଲ ଭଳି ବହୁ ପକ୍ଷୀଙ୍କର ବଂଶ ଦ୍ରୁତ ଗତିରେ ଲୋପ ପାଉଛି। ବାଦୁଡ଼ିମାନଙ୍କୁ ହତ୍ୟା କରାଯାଇ ତାର ମାଂସକୁ ବାତରୋଗ ନିମନ୍ତେ ଔଷଧ ପାଇଁ ବ୍ୟବହାର କରାଯାଉଛି। ହୁଁ-ହାଁ ଚଢ଼େଇ, କୋଚିଲାଖାଇ, ବଣୁକାପ୍ତା, କଠହଣା ଭଳି ଉପକାରୀ ତଥା ଦୁର୍ଲଭ ପ୍ରଜାତିର ପକ୍ଷୀମାନଙ୍କୁ ହତ୍ୟା କରାଯାଇ ଉଚ୍ଚ ଦରରେ ଅନ୍ୟତ୍ର ଚାଲାଣ କରାଯାଉଛି। ତେଣୁ ଏହି ପକ୍ଷୀମାନେ ଏବେ ଲୋପ ପାଇ ଯାଉଛନ୍ତି।

ଆମ କୃଷି କ୍ଷେତ୍ରରେ ଜିଆ ଓ କୋଚିଆ ମାଟି ଖୋଳି ହାଲୁକା କରନ୍ତି। ଧଣ ସାପ ଫସଲର ଅନିଷ୍ଟକାରୀ କୀଟମାନଙ୍କୁ ଖାଆନ୍ତି। ବୁଢ଼ିଆଣୀ ଜାଲ ମେଲାଇ ଛୋଟ ଛୋଟ କୀଟମାନଙ୍କୁ ଧରି ଖା'ନ୍ତି, ମାତ୍ର ଏବେ ଫସଲରେ ବିଷାକ୍ତ କୀଟ ନାଶକ ଔଷଧ ପ୍ରୟୋଗ ଯୋଗୁଁ ଏମାନେ ଲୋପ ପାଇଗଲେଣି। ଓଡ଼ିଶାର ସମୁଦ୍ରକୂଳ ଅଞ୍ଚଳରେ ଗେଣ୍ଡାଳିଆ ପକ୍ଷୀମାନେ ଜମିରୁ ଗେଣ୍ଡା ସଂଗ୍ରହ କରି ମାଂସ ଖାଇବା ପରେ ଖୋଳ ଗୁଡ଼ିକୁ ମାଟିରେ ପକାଇଦିଅନ୍ତି। ଏହି ଖୋଳ କାଳକ୍ରମେ ମାଟିରେ ମିଶି ମାଟିର ଲବଣାଂଶକୁ ହ୍ରାସ କରିଥାଏ, ମାତ୍ର ଏବେ ଏହି ପକ୍ଷୀଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଉଛି।

ଏବେ ଜଙ୍ଗଲ ଧ୍ୱଂସ ଯୋଗୁଁ ହାତୀମାନେ ଅଭୟାରଣ୍ୟ ମଧ୍ୟରୁ ଜନବସତିକୁ ଆସି ଫସଲ ଖାଉଛନ୍ତି ଓ ନଷ୍ଟ କରୁଛନ୍ତି। ତେଣୁ ଲୋକେ ପ୍ରତିହିଂସା ପରାୟଣ ହୋଇ ସେମାନଙ୍କୁ ମାରି ଦେଉଛନ୍ତି। ମାଂସ, ଚମଡ଼ା, ଦାନ୍ତ, ନଖ ଓ ହାଡ଼ ଇତ୍ୟାଦି ସଂଗ୍ରହ ଉଦ୍ଦେଶ୍ୟରେ ମଧ୍ୟ ଶିକାରୀମାନେ ଜଙ୍ଗଲରେ ପଶି ହାତୀ, ବାଘ, ହରିଣ, ଭାଲୁ ଇତ୍ୟାଦି ଜନ୍ତୁମାନଙ୍କୁ ମାରି ଦେଉଛନ୍ତି। ତେଣୁ ଏମାନଙ୍କ ସଂଖ୍ୟା ହ୍ରାସ ପାଉଛି।

ଏହି ପରିପ୍ରେକ୍ଷୀରେ ଲୋପ ପାଇଯାଉଥିବା ଜୀବ-ଜନ୍ତୁମାନଙ୍କୁ କିପରି ରକ୍ଷା କରାଯିବ, ତାହା ଏକ ଚିନ୍ତାର ବିଷୟ ହୋଇଛି। ଏହି ସମସ୍ୟାର ସମାଧାନ ପାଇଁ ସରକାର ଓ ଜନସାଧାରଣ ଉଦ୍ୟମ ନ କଲେ, ଦିନ ଆସିବ ଯେତେବେଳେ ଏମାନଙ୍କୁ ଜୀବନ୍ତ ଅବସ୍ଥାରେ ଆମର ଭବିଷ୍ୟତ ବଂଶଧରମାନେ ଦେଖିବାକୁ ନପାଇ ଡାଇନୋସର ଭଳି କେବଳ ଚିତ୍ରରେ ଦେଖିବେ ଓ ସେମାନଙ୍କ ଉପକାରରୁ ବଞ୍ଚିତ ହେବ। (କ) ଜଙ୍ଗଲ ଧ୍ୱଂସ ଓ ବନ୍ୟପ୍ରାଣୀ ଶିକାରକୁ ଦୃଢ଼ ହସ୍ତରେ ବନ୍ଦ କଲେ (ଖ) ଜଙ୍ଗଲ ମଧ୍ୟରେ ସେମାନଙ୍କ ପାଇଁ ଖାଦ୍ୟ-ପାନୀୟ ଓ ବାସସ୍ଥଳୀର ବ୍ୟବସ୍ଥା ହେଲେ (ଗ) ଚିଡ଼ିଆଘାନା ଓ ପ୍ରାଣୀଉଦ୍ୟାନମାନଙ୍କରେ ସେମାନଙ୍କୁ ରଖି ସ୍ୱତନ୍ତ୍ର ଭାବେ ଯତ୍ନ ନେଲେ (ଘ) ବୃକ୍ଷରୋପଣ କରି ଉଜୁଡ଼ା ଜଙ୍ଗଲ ଗୁଡ଼ିକର ପୁନରୁଦ୍ଧାର କଲେ (ଙ) ଜୀବେ ଦୟା ପାଇଁ ଜୀବ-ଜନ୍ତୁଙ୍କ ଉପକାରିତା ସଂପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଗଲେ, ଲୋପ ପାଇଯାଉଥିବା ଜୀବ-ଜନ୍ତୁ ମାନଙ୍କର ସୁରକ୍ଷା ହୋଇପାରିବ। ଏଥିପାଇଁ କେବଳ ସରକାର ଓ ଲୋକଙ୍କ ଇଚ୍ଛାଶକ୍ତି ଆବଶ୍ୟକ।

❖ ❖ ❖

## ପ୍ରାଣୀବିଚିତ୍ରା

# ଆପଣମାନେ ଜାଣନ୍ତି କି ?

### ଗାଈର ରଙ୍ଗ ଅନୁସାରେ କ୍ଷୀରର ଗୁଣ

ଭାରତୀୟ ଗାଈମାନଙ୍କ ଦେହର ରଙ୍ଗ ଅନୁସାରେ ତାର କ୍ଷୀରର ଗୁଣ ବଦଳିଥାଏ। ମଇଁଷିର କ୍ଷୀର ତୁଳନାରେ ଗାଈ କ୍ଷୀର ଶିଶୁମାନଙ୍କ ପାଇଁ ଉତ୍ତମ ଏବଂ ସହଜରେ ହଜମ ହୋଇଯାଏ। ଗାଈର ରଙ୍ଗ ବିହଙ୍ଗୀ ଚମଡ଼ା ସୂର୍ଯ୍ୟାଲୋକରୁ ସବଳଗୁଣ ଗ୍ରହଣ କରି ନିଜ ଶରୀରରେ ରଖିନିଏ, ଯେଉଁ ଗୁଣ କ୍ଷୀର ମାଧ୍ୟମରେ ଆମକୁ ମିଳେ। ଗାଈ କ୍ଷୀରରେ ସମ୍ପୂର୍ଣ୍ଣ ପୌଷ୍ଟିକତତ୍ତ୍ୱ ରହିଛି। ଧଳା ଗାଈର କ୍ଷୀର ହେଉଛି ପାଚକ, ଯେ କି ଶରୀରକୁ ହୃଷ୍ଟପୁଷ୍ଟ କରିଥାଏ। ଚିତକବରୀ ଗାଈର କ୍ଷୀର ପିତ୍ତ ବଢ଼ାଏ ଓ ଶରୀରକୁ ଚଞ୍ଚଳ କରିଦିଏ। କଳାଗାଈ କ୍ଷୀର ହେଉଛି ମିଠା ଯାହା ଗ୍ୟାସ ରୋଗ ଦୂର କରେ। ନାଲି ରଙ୍ଗ ଗାଈର କ୍ଷୀର ରକ୍ତ ବଢ଼ାଏ ଓ ଶରୀର ଫୁର୍ତ୍ତି ହୁଏ। ହଳଦିଆ ରଙ୍ଗର ଗାଈର କ୍ଷୀର ପିତ୍ତ ସନ୍ତୁଳିତ ରଖେ ଏବଂ ଶରୀରକୁ ତେଜପୂର୍ଣ୍ଣ କରିଦିଏ।

ସିନ୍ଥେଟିକ୍ କ୍ଷୀର ସ୍ୱାସ୍ଥ୍ୟ ପାଇଁ ହାନିକାରକ। ସତକଥା ଏଥିପାଇଁ ଖାଉଟି ସମାଜ ପ୍ରକୃତ ଗାଈ କ୍ଷୀର, ମଇଁଷି କ୍ଷୀର ଚିହ୍ନି କିଣିବା ଓ ଖାଦ୍ୟ ରୂପେ ବ୍ୟବହାର କରିବା ଆବଶ୍ୟକ। ପ୍ରକୃତ କ୍ଷୀରକୁ ଗରମ କଲେ ଧଳା ରଙ୍ଗ ବଜାୟ ରହେ ମାତ୍ର ସିନ୍ଥେଟିକ କ୍ଷୀରକୁ ଗରମ କଲେ ହଳଦିଆ ପଡ଼ିଯାଏ। ଖାଉଟି ସମାଜ ଏହି ଚିହ୍ନଟ ପ୍ରକ୍ରିୟାକୁ ଅନୁସରଣ କରି ପ୍ରକୃତ କ୍ଷୀର ପାନ କରିବା ବାଞ୍ଛନୀୟ।

ସଂଗ୍ରାହକ - ଡି. ରମେଶ ଚନ୍ଦ୍ର ଦୋରା,
ପଶୁଧନ ନିରୀକ୍ଷକ,